ଶନିବାର, ୩୦ ମାର୍ଚ୍ଚ, ୨୦୨୪

# ପିଲାଙ୍କ ଧରିତ୍ରୀ



# ଦାମ୍



**ଶ୍ୟା**ମବାବୁ ଅଫିସ୍‌ରୁ ବାହାରି କୁଆଡେ ଯାଉଥିଲେ। ଆଉ ସଡକ ଉପରେ ଛିଡା ହୋଇଥିବା ନିଜର ବାଇକ୍‌କୁ ଷ୍ଟାର୍ଟ କଲେ। ଠିକ୍ ସେତିକି ବେଳେ ଗୋଟିଏ ଆଠବର୍ଷର ଛୁଆ ତାଙ୍କ ପାଖକୁ ଆସିଲା ଆଉ କହିଲା, ବାବୁ ଦଶ ଟଙ୍କା ମୋତେ ଦେଇ ପାରିବେ? ଛୁଆଟି ବହୁତ କରୁଣ ସ୍ୱରରେ ଶ୍ୟାମବାବୁଙ୍କ ଆଡକୁ ଦେଖିକରି କହିଲା। ଶ୍ୟାମବାବୁ ଉପେକ୍ଷା ନଜରରେ ସେ ଛୁଆ ଆଡକୁ ଗମ୍ଭୀର ହୋଇ ଦେଖିଲେ ଆଉ ତାକୁ କିଛି ନ ଦେଇ ଚାଲିଗଲେ।

ହଠାତ୍ ଛୁଆଟି ବାବୁ ଓ ବାବୁ...' ପାଟିକରି ଡାକିଲା କିନ୍ତୁ ଶ୍ୟାମବାବୁ ଆଉ ପଛକୁ ବୁଲିକରି ଚାହିଁଲେନି। ଛୁଆଟି ଏବେ ଭାବି ପାରୁ ନ ଥିଲା କି ସେ କ'ଣ କରିବ। ଶ୍ୟାମବାବୁ ବାଇକ୍‌ରେ ବସିବା ପୂର୍ବରୁ ସେ ତାଙ୍କ ରୁମାଲକୁ ପକେଟ୍‌ରୁ ବାହାର କରି ନିଜ ମୁହଁକୁ ପୋଛୁଥିଲେ। ସେ ସମୟରେ ତାଙ୍କ ପକେଟ୍‌ରୁ ପେନ୍ ଆଉ ପ୍ୟାନ୍‌କାର୍ଡ ଖସି ତଳେ ପଡି ଯାଇଥିଲା, ଯାହା ଏବେ ସେ ଛୁଆ ହାତରେ ଥିଲା। ସେ ଛୁଆ କାର୍ଡ ଆଉ ପେନ୍‌କୁ ଧରି ସାହସକରି ସେହି ଅଫିସ୍ ଭିତରକୁ ଗଲା। ଆଉ ଜଣେ କର୍ମଚାରୀଙ୍କୁ ପେନ୍ ଆଉ କାର୍ଡ ଦେଇ କହିଲା,ଏସବୁ ଜିନିଷ ସେହି ବାବୁଙ୍କର ଯିଏ ଏବେ ଏହି ଅଫିସ୍‌ରୁ ବାହାରକୁ ଯାଇଥିଲେ। ତାଙ୍କ ପକେଟ୍‌ରୁ ଏସବୁ ଖସି ପଡିଥିଲା ବୋଲି ଛୁଆଟି କହିଲା। କିନ୍ତୁ ସେ ଏ ବିଷୟରେ କିଛି ଜାଣି ନାହାନ୍ତି। କର୍ମଚାରୀ ପ୍ୟାନ୍‌କାର୍ଡକୁ ଦେଖିକରି କହିଲେ ଏଥିରେ ତ ଶ୍ୟାମବାବୁଙ୍କ ନାଁ ଲେଖାଅଛି। ସାବାସ୍ ପୁଅ! ତୁମେ ବହୁତ ଭଲ କାମ କରିଛ। ତୁମେ ଏବେ ଯାଅ ସେ ଆସିଲେ ମୁଁ ତାଙ୍କୁ ଏସବୁ ଦେଇ ଦେବି।

ଏବେ ଛୁଆଟି ଅଫିସ୍ ବାହାରକୁ ପଳେଇ ଆସିଲା। ସେ କିଛିବାଟ ଯାଇଥିବକି ନାହିଁ ଶ୍ୟାମବାବୁ ତା'ସାମନ୍ାରେ ଆସି ବାଇକ୍‌କୁ ଛିଡା କରିଦେଲେ। ଆଉ ପକେଟ୍‌ରୁ ଶହେଟଙ୍କା କାଢି ସେ ଛୁଆକୁ ଦେଲେ। ଏହା ଦେଖି ସେ ଛୁଆ କହିଲା, କାହିଁକି..ଦେଉଛନ୍ତି ସାର୍! ତୁମେ ମୋ ପ୍ୟାନ୍‌କାର୍ଡ ଅଫିସ୍‌ରେ ଜମା କରିଥିଲ ତ! ମୋତେ ଅଫିସଲୋକ ଫୋନ୍ କରି ସବୁ କହିଥିଲେ। 'ତୁ ଏହି ଟଙ୍କାକୁ ନେ', ଶ୍ୟାମବାବୁ କହିଲେ। ପିଲାଟି କହିଲା ନା..ସାହେବ! ଗୋଟିଏ ଭଲ କାମକଲି ବୋଲି ତା' ପାଇଁ ମୁଁ କୌଣସି ପ୍ରକାରର ଦାମ୍ ନେବିନି। ଏମିତି କହି ଛୁଆଟି ସେଠାରୁ ଚାଲିଗଲା। ଗରିବ ହେଲେବି ପିଲାଟିର ସ୍ୱାଭିମାନ ଆଗରେ ଶ୍ୟାମବାବୁ ନିଜ ମୁଣ୍ଡ ନୁଆଁଇଥିଲେ।

ଗପ

**– ମନୋଜ କୁମାର ବେହେରା**
ବାୟାବାବା ମଠ ଲେନ୍, ୟୁନିଟ୍-୯, ଭୁବନେଶ୍ୱର
ମୋ: ୭୯୭୮୮୩୦୬୧୧

## ଖୁଲି ଖୁଲି ହସ

– ଶିକ୍ଷକ ଛାତ୍ରକୁ। ମୁଁ କାଲି କୁକୁର ଉପରେ ରଚନା ଲେଖିବାକୁ ଦେଇଥିଲି, ହେଲେ ତୁମେ କାହିଁ ଲେଖିନ?
ଛାତ୍ର: ସାର୍, ମୁଁ କାଲି ଯେମିତି ପେନ୍ ଧରି ରଚନା ଲେଖିବି ବୋଲି ବସିଲି, ସେ ଦୌଡ଼ି ପଳେଇଲା।

– ଶିକାରୀଟି ନିଜ ଘର ବାହାରେ ଠିଆ ହୋଇଥିବାର ଦେଖି ପତ୍ନୀ କହିଲେ, ତୁମେ କାହିଁ ଘର ବାହାରେ ଠିଆ ହୋଇଛ?
ଶିକାରୀ: ମୁଁ ଜଙ୍ଗଲକୁ ବାଘ ଶିକାର କରିବାକୁ ଯାଉଛି।
ପତ୍ନୀ: ତେବେ ଜଙ୍ଗଲକୁ ଯାଉନ ଏଠି କାହିଁ ଠିଆ ହୋଇଛ?
ଶିକାରୀ: ମୁଁ ଯାଆନ୍ତି ଯେ, ହେଲେ ମୋ' ଯିବା ବାଟରେ କୁକୁର ପରା ଠିଆ ହୋଇଛି ଯିବି କେମିତି !

(ଦୁଇସାଙ୍ଗ ମଧ୍ୟରେ କଥାବାର୍ତ୍ତା)
ପପୁ: କାଲି ମୁଁ ଗୋଟିଏ ରକେଟ୍ ଛାଡ଼ିଲି ତ ସିଧା ଯାଇ ବାଜିଲା ସୂର୍ଯ୍ୟଙ୍କ ଉପରେ।
ବଣ୍ଟି: ପୁଣି କ'ଣ ହେଲା?
ପପୁ: ପୁଣି ମୋ' ଉପରେ ମାଡ଼ ବସିଲା।
ବଣ୍ଟି: କିଏ ମାଡ଼ ମାରିଲା?
ପପୁ: ସୂର୍ଯ୍ୟର ମମି ମାରିଲାରେ ସାଙ୍ଗ।

## ମତାମତ

▶▶ ଏଥର 'ତୁମ ତୂଳୀ' ସ୍ତମ୍ଭରେ ପ୍ରକାଶିତ ହୋଇ ସମ୍ବନ୍ଧିତ ଚିତ୍ରଗୁଡିକ ବହୁତ ସୁନ୍ଦର ହୋଇଥିଲା।

**–ଶ୍ରଦ୍ଧାଞ୍ଜଳି ମହାପାତ୍ର, ବାଲିକୁଦା, ଜଗତ୍‌ସିଂହପୁର**

▶▶ ଜଣା ଅଜଣା ପୃଷ୍ଠାରେ 'ବିଷାକ୍ତଘାସ' ଏବଂ 'ଐତିହାସିକ କୀର୍ତ୍ତିରାଜି'ରେ ତାଜମହଲ ଏବଂ କୁତବ୍‌ମିନାର ବିଷୟରେ ଅନେକ କଥା ଜାଣି ହେଲା।

**–ସିମରନ୍ ସାହୁ,ରାଉରକେଲା**

▶▶ ହୋଲି ଉପଲକ୍ଷେ ସମରିନ୍‌ଙ୍କ ଫଟୋ ସୁନ୍ଦର ହୋଇଥିଲା।

**–ବେଦାନ୍ତ ଅଗ୍ରୱାଲ, ଖଣ୍ଡଗିରି, ଭୁବନେଶ୍ୱର**

▶▶ ହୋଲିକୁ ନେଇ ପ୍ରକାଶିତ କବିତା ପଢ଼ି ଭଲ ଲାଗିଲା।

**–ଦେବାଂଶୀ କର, ଯାଜପୁର**

▶▶ 'ଆଇନା' ସ୍ତମ୍ଭରେ ପ୍ରକାଶ ପାଉଥିବା ଫଟୋଗୁଡିକ ବେଶ୍ ଆକର୍ଷଣୀୟ ହେଉଛି।

**–ପୂଜାଶ୍ରୀ ରାଉତ, ଅନୁଗୋଳ**

## ରଙ୍ଗ ଦିଅ



## ଗେଣ୍ଡା

ଗେଣ୍ଡା ସମ୍ପର୍କରେ ଜାଣନ୍ତୁ କିଛି ଭିନ୍ନ କଥା।

✪ ପୃଥିବୀପୃଷ୍ଠରେ କୀଟପତଙ୍ଗ ତୁଳନାରେ ଅଧିକ ସଂଖ୍ୟାରେ ଅଛନ୍ତି ଗେଣ୍ଡା। ପ୍ରାୟ ୪୩,୦୦୦ ପ୍ରକାରର ଗେଣ୍ଡା ଅଛନ୍ତି। ବିଭିନ୍ନ ପ୍ରଜାତିର ଗେଣ୍ଡା ମଧ୍ୟରୁ କେତେକ ମଧୁର ଜଳରେ କେତେକ ଲୁଣିପାଣିରେ ଏବଂ କେତେକ ଭୂମିରେ ମଧ ଦେଖିବାକୁ ମିଳନ୍ତି।

✪ ରୋମାନ୍‌ମାନେ ଖାଦ୍ୟ ପାଇଁ ଗେଣ୍ଡା ଚାଷ କରନ୍ତି।

✪ ଗେଣ୍ଡାମାନଙ୍କର ଯଦିଓ ଦାନ୍ତ ଥିବାର ଦେଖାଯାଏ ନାହିଁ କିନ୍ତୁ ସେମାନଙ୍କ ମାଢି ଏକ ସ୍ୱତନ୍ତ୍ର ଭାବରେ ତିଆରି ହୋଇଥାଏ, ଯାହା ହଜାର ହଜାର ସଂଖ୍ୟାରେ ଅତି କ୍ଷୁଦ୍ର ଦାନ୍ତର ସମାହାର ଭଳି ହୋଇଥାଏ। ତେଣୁ ସେହି ମାଢିରେ ସେମାନେ ନିଜ ଖାଦ୍ୟକୁ ଛୋଟ ଛୋଟ କରି ପାରନ୍ତି।

✪ ଗେଣ୍ଡାମାନେ ମଣିଷଙ୍କ ଭଳି ପ୍ରତିଦିନ ଶୁଅନ୍ତି ନାହିଁ। ସେମାନେ ସାଧାରଣତଃ ୨ରୁ ୪ ଦିନ ପର୍ଯ୍ୟନ୍ତ ଶୋଇ ରୁହନ୍ତି। ଅବଶ୍ୟ କେତେକ ପ୍ରଜାତିର ଗେଣ୍ଡା ବେଳେବେଳେ ବର୍ଷେ ପର୍ଯ୍ୟନ୍ତ ଶୋଇପାରନ୍ତି। ଏହାପରେ ସେହି ଗେଣ୍ଡା ଗୋଟିଏ ଦିନରୁ ଅଧିକ ସମୟ ଜାଗ୍ରତ ରହିପାରନ୍ତି।

✪ ଗେଣ୍ଡା ସେମାନଙ୍କ ଶରୀରରେ ଥିବା ଖୋଳ ତିଆରି କରିପାରନ୍ତି ନାହିଁ। ଜନ୍ମରୁ ହିଁ ସେମାନଙ୍କ ସହିତ ସେମାନଙ୍କ ଖୋଳ ରହିଥାଏ। ଶରୀର ବୃଦ୍ଧି ସହିତ ଗେଣ୍ଡାର ଖୋଳ ମଧ ବୃଦ୍ଧି ପାଇଥାଏ। ତେବେ କୌଣସି କାରଣରୁ ଗେଣ୍ଡାମାନଙ୍କର ଖୋଳ ଯଦି ଆଘାତ ହୁଏ ଅଥବା ଖରାପ ହୋଇଥାଏ ତାହାକୁ ସଜାଡିବାର କ୍ଷମତା ସେମାନଙ୍କର ରହିଛି।

✪ ଗେଣ୍ଡାର ଘଣ୍ଟାପ୍ରତି ବେଗ ମାତ୍ର ଏକ ମିଟର।



ପିଲାଙ୍କ ଧରିତ୍ରୀ
ସମ୍ପାଦକ: ତଥାଗତ ସତପଥୀ

Printed and published by Sri Tathagata Satpathy on behalf of Navajat Printers & Media Pvt.Ltd. and printed at Navajat Printers, B-15, Rasulgarh Industrial Estate, Bhubaneswar-10, Ph. (0674) 2580101,

## ସୂଚନା

ଆଇନା ସ୍ତମ୍ଭ ଲାଗି ୩ରୁ ୧୩ ବର୍ଷ ବୟସର ପିଲା ନିଜର ୩ଟି ଫଟୋ(ହାଇ ରିଜଲ୍ୟୁଶନ୍ ଥିବା) ସହ ପୁରା ନାମ, ବୟସ, ଠିକଣା ଏବଂ ତୁମ ତୂଳୀ ସ୍ତମ୍ଭ ପାଇଁ ଚିତ୍ର, ରଙ୍ଗ ଦିଅ ସ୍ତମ୍ଭରେ ଦିଆଯାଉଥିବା ଚିତ୍ରରେ ରଙ୍ଗ କରି ନିଜ ଫଟୋ ସହ ଶ୍ରେଣୀ, ସ୍କୁଲ, ଠିକଣା ଲେଖି ପଠାନ୍ତୁ। ଏଥିସହ ଗପ, କବିତା, ବିଜ୍ଞାନ କଥା, ଶିଶୁ ପ୍ରତିଭା, ମତାମତ ନିମ୍ନରେ ପ୍ରଦତ୍ତ ଇ-ମେଲ୍‌ରେ ପଠାଇପାରିବେ।

**ଆମ ଠିକଣା**
dharitrifeature@gmail.com

> "ପୃଥିବୀ ସୂର୍ଯ୍ୟ ଚାରିପଟେ ବୃତ୍ତାକାର କକ୍ଷରେ ଘୁରୁନାହିଁ। ଏହାର କକ୍ଷ ହେଉଛି ଅର୍ଦ୍ଧ-ବୃତ୍ତାକାର। ଏଣୁ ସୂର୍ଯ୍ୟଠାରୁ ପୃଥିବୀର ଦୂରତା ସର୍ବଦା ସମାନ ନ ଥାଏ। ହାରାହାରି ହିସାବରେ ଏହି ଦୂରତା ହେଉଛି ୧୫୦ ନିୟୁତ କିମି। ଏଥିରୁ ପୃଥିବୀ କକ୍ଷର ଦୈର୍ଘ୍ୟ ଗଣନା କରାଯାଇଛି ଏବଂ ଗୋଟିଏ ବର୍ଷରେ ଯେତିକି ଘଣ୍ଟା ସେଥିରେ ତାକୁ ଭାଗ କରି ପୃଥିବୀର ବେଗ ଘଣ୍ଟା ପ୍ରତି ପ୍ରାୟ ୧୦୭୦୦୦ କିମି ଜଣାପଡ଼ିଛି।"




# ଆମେ ସବୁବେଳେ ଉଡୁଛେ

● ଇଂ. ଗାୟାଧର ସ୍ୱାଇଁ

ରାଜୀବ ବହୁଦିନ ପରେ ଗାଁକୁ ଆସିଲା। ଗାଁରେ ପାଠ ପଢ଼ି ସେ ବର୍ତ୍ତମାନ ଗୋଟିଏ ବହୁରାଷ୍ଟ୍ରୀୟ କମ୍ପାନୀରେ ବଡ଼ ଚାକିରି କରିଛି। ସପ୍ତାହକୁ ଥରେ ସେ ବିଦେଶ ଯାଇଥାଏ। ଏଥର ଜଣେ ସମ୍ପର୍କୀୟ ଭାଇର ବିବାହ ଉତ୍ସବରେ ଯୋଗ ଦେବା ପାଇଁ ତାକୁ ଗାଁକୁ ଆସିବାକୁ ପଡ଼ିଲା। ଗାଁରେ ସେ ସ୍କୁଲ ସାଙ୍ଗମାନଙ୍କ ସହିତ ନଦୀକୂଳରେ ଗପସପ ହେଉଥିଲା। ତା'ର ଉଡ଼ାଜାହାଜରେ ଯିବା ଆସିବା କଥା ଶୁଣି ସାଙ୍ଗ ବୁଦ୍ଧିଆ କହିଲା, "ତୋର ଭାଗ୍ୟ ବହୁତ ଭଲ। ତୁ ଖାଲି ଆକାଶରେ ଉଡୁଛୁ। ଆମେମାନେ ହେଲୁ କୂପ ମଣ୍ଡୁକ। ଏହି ଗାଁରେ ଖାଲି ପଡ଼ି ରହିଛୁ। ଆକାଶରେ ଉଡ଼ିବା ଆମ ପାଇଁ କେବଳ ସ୍ୱପ୍ନ।" ରାଜୀବ କହିଲା, "ସାଙ୍ଗ, ତୁମେମାନେ ମଧ୍ୟ ସବୁବେଳେ ଉଡୁଛ। ବାସ୍ତବରେ ଆମେ ସମସ୍ତେ କେବେ ସ୍ଥିର ନୁହେଁ। ଆମେ ସମସ୍ତେ ସବୁବେଳେ ଘୁରୁଛେ।

ସାଙ୍ଗମାନେ ଆଶ୍ଚର୍ଯ୍ୟ ହୋଇ ପଚାରିଲେ, "କିପରି? ତୁମେ ଆମମାନଙ୍କ ସହିତ ମଜା କରୁନାହୁଁ ତ?" ରାଜୀବ କହିଲା, "ଦେଖ, ମୁଁ ଉଡ଼ାଜାହାଜରେ ବସିଛି ଏବଂ ଉଡ଼ାଜାହାଜ ଉଡୁଛି। ମୁଁ ତା' ଭିତରେ ସ୍ଥିର ହୋଇ ବସିରହିଛି। ଉଡ଼ାଜାହାଜ ଉଡୁଥିବାରୁ ମୁଁ ଉଡୁଛି। ସେହିପରି ଆମେ ସମସ୍ତେ ପୃଥିବୀ ପୃଷ୍ଠରେ ଅଛେ। ମାତ୍ର ତୁମେମାନେ ଜାଣ ଯେ ବ୍ରହ୍ମାଣ୍ଡରେ ପୃଥିବୀ ସର୍ବଦା ଶୂନ୍ୟରେ ଉଡୁଛି। ଏଣୁ ପୃଥିବୀ ସହିତ ଆମେ ସମସ୍ତେ ଉଡୁଛେ।"

ଏକଥା ଶୁଣି ଅଳ୍ପ ପାଠ ପଢ଼ିଥିବା ରୋହିତ ଆଶ୍ଚର୍ଯ୍ୟ ହୋଇ ପଚାରିଲା, "ସତେ କି? ପୃଥିବୀ କିପରି ଉଡୁଛି? କାହିଁ ମୁଁ ତ ଆଦୌ ଜାଣି ପାରୁନାହିଁ।" ରାଜୀବ ଏହାର ବିଜ୍ଞାନକୁ ସାଙ୍ଗମାନଙ୍କୁ ବୁଝାଇଲା। "ବ୍ରହ୍ମାଣ୍ଡ ହେଉଛି ବହୁତ ବଡ଼। ତା' ଭିତରେ ସୂର୍ଯ୍ୟ ହେଉଛି ଗୋଟିଏ ନକ୍ଷତ୍ର। ରାତିର ଆକାଶରେ ଆମେ ଯେଉଁସବୁ ତାରା ଦେଖୁଛେ ସେସବୁ ହେଉଛି ସୂର୍ଯ୍ୟ ଭଳି ଗୋଟିଏ ଗୋଟିଏ ନକ୍ଷତ୍ର। ମାତ୍ର ଏଗୁଡ଼ିକ ଆମଠାରୁ ବହୁତ ଦୂରରେ ଥିବାରୁ ଆମକୁ ଛୋଟ ଦେଖାଯାଉଛି। ସୂର୍ଯ୍ୟ ଚାରିପଟେ ପୃଥିବୀ ସମେତ ସବୁଗ୍ରହ ଘୁରୁଛନ୍ତି। ପୂର୍ବରୁ କରାଯାଇଥିଲା ଯେ ପୃଥିବୀ ସ୍ଥିର ଏବଂ ତା' ଚାରିପଟେ ସୂର୍ଯ୍ୟ ଓ ଅନ୍ୟଗ୍ରହଗୁଡ଼ିକ ଘୁରୁଛନ୍ତି। ଏହା ଭାବିବା ସ୍ୱାଭାବିକ ଥିଲା; କାରଣ ଆମେ ସକାଳେ ପୂର୍ବ ଦିଗରେ ସୂର୍ଯ୍ୟ ଉଦୟ ଓ ସନ୍ଧ୍ୟାବେଳେ ପଶ୍ଚିମ ଦିଗରେ ଏହା ଅସ୍ତ ହେବାର ଦେଖୁଛେ। କିନ୍ତୁ ବିଜ୍ଞାନର ଅଗ୍ରଗତି ଫଳରେ ପାଞ୍ଚଶହ ବର୍ଷ ପୂର୍ବେ ଜଣାପଡ଼ିଲା ଯେ ସୂର୍ଯ୍ୟ ହେଉଛି ସ୍ଥିର ଏବଂ ପୃଥିବୀ ସମେତ ସମସ୍ତ ଗ୍ରହ ତା' ଚାରିପଟେ ଘୁରୁଛନ୍ତି। ଏଣୁ ପୃଥିବୀ ସହିତ ଏଥିରେ ଥିବା ସମସ୍ତ ବସ୍ତୁ ଓ ପ୍ରାଣୀ ମଧ୍ୟ ମହାକାଶରେ ସୂର୍ଯ୍ୟ ଚାରିପଟେ ଘୁରୁଛନ୍ତି।"

ତା'ପରେ ସୁଜିତ ପଚାରିଲେ, "ସାଙ୍ଗ, କହିବ କି ପୃଥିବୀ କେତେ ବେଗରେ ଘୁରୁଛି?" ରାଜୀବ କହିଲା, "ପୃଥିବୀ ସୂର୍ଯ୍ୟ ଚାରିପଟେ ଥରେ ଘୁରି ଆସିବାକୁ ୩୬୫ ଦିନ ନିଏ। ଆମେ ଏହାକୁ ଏକ ବର୍ଷ କହୁ। ହଁ, ଆଉ ଗୋଟିଏ କଥା ଜାଣି ରଖ ଯେ, ପୃଥିବୀ ସୂର୍ଯ୍ୟ ଚାରିପଟେ ବୃତ୍ତାକାର କକ୍ଷରେ ଘୁରୁନାହିଁ। ଏହାର କକ୍ଷ ହେଉଛି ଅର୍ଦ୍ଧ-ବୃତ୍ତାକାର। ଏଣୁ ସୂର୍ଯ୍ୟଠାରୁ ପୃଥିବୀର ଦୂରତା ସର୍ବଦା ସମାନ ନ ଥାଏ। ହାରାହାରି ହିସାବରେ ଏହି ଦୂରତା ହେଉଛି ୧୫୦ ନିୟୁତ କିମି। ଏଥିରୁ ପୃଥିବୀ କକ୍ଷର ଦୈର୍ଘ୍ୟ ଗଣନା କରାଯାଇଛି ଏବଂ ଗୋଟିଏ ବର୍ଷରେ ଯେତିକି ଘଣ୍ଟା ସେଥିରେ ତାକୁ ଭାଗ କରି ପୃଥିବୀର ବେଗ ଘଣ୍ଟା ପ୍ରତି ପ୍ରାୟ ୧୦୭୦୦୦ କିମି ଜଣାପଡ଼ିଛି।" ରଘୁ କହିଲା, "ଆଁ! ତା'ହେଲେ ଆମେମାନେ ମଧ୍ୟ ଏତେ ବେଗରେ ଯାଉଛେ! ଆଶ୍ଚର୍ଯ୍ୟ! ମୁଁ ତ ଏହା ଆଦୌ ଅନୁଭବ କରି ପାରୁନାହିଁ।" ରାଜୀବ କହିଲା, "ହଁ, ଆଉ ଗୋଟିଏ ମଜା କଥା ଯେ ଆମ ସୂର୍ଯ୍ୟ ମଧ୍ୟ ସ୍ଥିର ନୁହେଁ। ଆମ ସୂର୍ଯ୍ୟଭଳି କୋଟି କୋଟି ସୂର୍ଯ୍ୟକୁ ନେଇ ଆକାଶଗଙ୍ଗା ଗାଲାକ୍ସି ଗଠିତ । ସୂର୍ଯ୍ୟ ଏହାର ଗୋଟିଏ କୋଣରେ ଅଛି ଏବଂ ଏହା ମଧ୍ୟ ସପରିବାର ଆକାଶଗଙ୍ଗାର କେନ୍ଦ୍ର ଚାରିପଟେ ଘୁରୁଛି।"

ଏସବୁ ଶୁଣୁ ଶୁଣୁ ରଘୁ କହିଲା, "ଏହାର ଅର୍ଥ ହେଉଛି ଆକାଶଗଙ୍ଗା କେନ୍ଦ୍ର ଚାରିପଟେ ସୂର୍ଯ୍ୟ ଘୁରୁଛି, ସୂର୍ଯ୍ୟ ଚାରିପଟେ ପୃଥିବୀ ଘୁରୁଛି ଏବଂ ପୃଥିବୀ ଚାରିପଟେ ଚନ୍ଦ୍ର ଘୁରୁଛି। ବାଃ! ବଡ଼ ଆଚମ୍ବିତ କଥା!" ରାଜୀବ କହିଲା, "ଆରେ ସାଙ୍ଗ, ଖାଲି ସେତିକି ନୁହେଁ। ଆକାଶ ଗଙ୍ଗା ମଧ୍ୟ ସ୍ଥିର ନୁହେଁ। ଏହା ସର୍ବଦା ଅନ୍ୟ ଗାଲାକ୍ସିଠାରୁ ଦୂରେଇ ଯାଉଛି। ଏଥିରୁ ଆମକୁ ଜଣାପଡୁଛି ଯେ ବ୍ରହ୍ମାଣ୍ଡର ପ୍ରସାରଣ ହେଉଛି। ଆକାଶ ଗଙ୍ଗା ଅନ୍ତରୀଣରେ ଯେତେ ବେଗରେ ଗତି କରୁଛି, ଜାଣିଲେ ଆଶ୍ଚର୍ଯ୍ୟ ହେବ। ଏହା ବ୍ରହ୍ମାଣ୍ଡ ପୃଷ୍ଠପଟ ବିକିରଣ ତୁଳନାରେ ଘଣ୍ଟା ପ୍ରତି ୨୨ଲକ୍ଷ କିମି ବେଗରେ ଗତି କରୁଛି।

ଏହିସବୁ ବିଜ୍ଞାନ କଥା ଶୁଣି ସାଙ୍ଗମାନେ ଆଶ୍ଚର୍ଯ୍ୟ ହୋଇଗଲେ। ରାଜୀବ କହିଲା, "ଏଥିରେ ଆଶ୍ଚର୍ଯ୍ୟ ହେବାର କିଛି ନାହିଁ। ଏହା ହେଉଛି ଖାଣ୍ଟି ସତକଥା। ବିଜ୍ଞାନ ଆଜି ଏହା ଆମକୁ ଜଣାଇଛି। ବିଜ୍ଞାନ ତ ମିଛ ନୁହେଁ। ବିଭିନ୍ନ ପରୀକ୍ଷା ତ ପର୍ଯ୍ୟବେକ୍ଷଣରୁ ଏହି ସିଦ୍ଧାନ୍ତ ସବୁ ମିଳିଛି। ଏଣୁ ଅନୁଭବ କରି ନ ପାରିଲେ ସୁଦ୍ଧା ଆମେ ସମସ୍ତେ ସର୍ବଦା ଉଡୁଛେ।"

-୭୦, ଲକ୍ଷ୍ମୀ ବିହାର, ଫେଜ୍-୧, ଭୁବନେଶ୍ୱର ୧୮
ମୋ: ୯୪୩୮୬୯୩୭୨୪



# ତୁମ ତୂଳୀରୁ

୧ **ଅଗ୍ନିଜିତା ମିଶ୍ର**
କ୍ଲାସ- ୬, ପିଏମ୍ ଶ୍ରୀ କେନ୍ଦ୍ରୀୟ ବିଦ୍ୟାଳୟ, ନୟାଗଡ





୨ **ଆରୋହି ଅନିନ୍ଦିତା**
କ୍ଲାସ- ୪, ନାରାୟଣ ଗ୍ରୁପ ଅଫ୍ ସ୍କୁଲ, କଟକ

୩ **ଦେବାଂଶୀ ଦାଶ**
କ୍ଲାସ- ୧, ସେଣ୍ଟ ଯୋଶେଫ କନଭେଣ୍ଟ ସ୍କୁଲ, ସମ୍ବଲପୁର





୪ **ଅନିମେଶ ପ୍ରଧାନ**
କ୍ଲାସ-୬,କେନ୍ଦ୍ରୀୟ ବିଦ୍ୟାଳୟ, ଆନନ୍ଦପୁର,କେନ୍ଦୁଝର

୫ **ନାନ୍ସି ପ୍ରିୟଦର୍ଶିନୀ**
କ୍ଲାସ- ୫, ବିଜେଇଏମ୍-୨ ସ୍କୁଲ, ସତ୍ୟଭାମାପୁର, ଭୁବନେଶ୍ୱର





୬ **ସିଦ୍ଧାର୍ଥ ତ୍ରିପାଠୀ**
କ୍ଲାସ- ୨, ବି.ଜେ.ଇ.ଏମ୍ ସ୍କୁଲ୍, ବିଜେବି ନଗର, ଭୁବନେଶ୍ୱର

୭ **ସୁପ୍ରିୟା ରାଏ**
କ୍ଲାସ- ୭, ସୋମନାଥ ଶିକ୍ଷା ନିକେତନ, ସମେଇଗାଡିଆ, ଭୁବନେଶ୍ୱର






୮ **ଆଦ୍ୟାଶ୍ରୀ ଧାଉଡିଆସିଂହ**
କ୍ଲାସ- ୨, ପି ଏମ୍ ଶ୍ରୀ କେନ୍ଦ୍ରୀୟ ବିଦ୍ୟାଳୟ-୧, ଭୁବନେଶ୍ୱର

୯ **ସାଦ୍ୟାନ୍ତ ଶତପଥୀ**
କ୍ଲାସ-୫, ମଦର୍ସ ପବ୍ଲିକ ସ୍କୁଲ, ପୁରୀ





୧



୨



୩



୪



୫




୬



୭



୮



୯

## ଗିନିଜ୍ ୱାର୍ଲ୍ଡ ରେକର୍ଡ଼

# ସର୍ବାଧିକ ଲେଗୋ ସେଟ୍



ନିଜର ହବି ପାଇଁ ବେଳେବେଳେ କେତେକ ଖୁବ୍ ଚର୍ଚ୍ଚାକୁ ଆସିଥାନ୍ତି। ଠିକ୍ ଏମିତି ନିଜ ହବିକୁ ନେଇ ଏବେ ବିଶ୍ୱ ରେକର୍ଡ କରି ପାରିଛନ୍ତି ଆମେରିକାର ମିଲୋସ୍ କ୍ରେକ୍। ଲେଗୋ ବ୍ରାଣ୍ଡର ସର୍ବାଧିକ କଲେକ୍ସନ୍ ରଖି ସେ ଗିନିଜ୍ ରେକର୍ଡରେ ସ୍ଥାନ ପାଇଛନ୍ତି। ଲେଗୋ ବ୍ରାଣ୍ଡର ଖେଳନା ସେଟ୍ ପାଇଁ ମିଲୋସ୍ଙ୍କର ଛୋଟବେଳରୁ ସ୍ୱତନ୍ତ୍ର ଆକର୍ଷଣ ଥିଲା। ସେଥିପାଇଁ ସେ ମାତ୍ର ୫ ବର୍ଷ ବୟସରୁ ହିଁ ଏହି ବ୍ରାଣ୍ଡର ଖେଳନା ସେଟ୍ କିଣି ସେଗୁଡିକୁ ସାଇତି ରଖୁଥିଲେ। ବଡ ହେବା ପରେ ବି ଏହି ବ୍ରାଣ୍ଡର ସେଟ୍ ପାଇଁ ତାଙ୍କର ଆକର୍ଷଣ ଆଦୌ କମ୍ ହୋଇ ନାହିଁ। ତେଣୁ ଏବେ ବି ସେ ଏହି ଖେଳନା ସେଟ୍ କିଣି ଚାଲିଛନ୍ତି। ତେବେ ୨୦୨୩ ଜୁନ୍ ମାସ ସୁଦ୍ଧା ୬,୦୦୫ ସେଟ୍ ଲେଗୋ ବ୍ରାଣ୍ଡ ସଂଗ୍ରହ କରି ସେ ବିଶ୍ୱର ସର୍ବାଧିକ ଲେଗୋ ବ୍ରାଣ୍ଡ ସଂଗ୍ରହକାରୀ ହୋଇ ପାରିଛନ୍ତି। ତାଙ୍କର ସମସ୍ତ ସଂଗ୍ରହକୁ ଲୋକଲୋଚନକୁ ଆଣିବା ପାଇଁ ସେ ଏକ ମ୍ୟୁଜିୟମ୍ ତିଆରି କରି ସେଥିରେ ସବୁ ସଜାଇ ରଖିଛନ୍ତି। ଏବେ ସୁଦ୍ଧା ସେ ଏହି ବ୍ରାଣ୍ଡର ୧୦,୦୦୦ରୁ ଅଧିକ ମଡେଲ ସଂଗ୍ରହ କରି ସାରିଛନ୍ତି। ଲେଗୋ ସେଟ୍‌ର ଗୋଟିଏ ମଡେଲ ସଜାଡିବା ପାଇଁ ତାଙ୍କୁ ଅତି କମ୍‌ରେ ଘଣ୍ଟାଏ ଲାଗିଥାଏ। ତେବେ ତାଙ୍କ ପାଖରେ ଥିବା ସମସ୍ତ ସେଟ୍ ମଧ୍ୟରୁ ୯୦ ପ୍ରତିଶତ ସେ ନିଜେ ସଂଗ୍ରହ କରିଛନ୍ତି ଆଉ କିଛି ତାଙ୍କୁ ତାଙ୍କ ସମ୍ପର୍କୀୟମାନେ ଉପହାରରେ ଦେଇଛନ୍ତି।


# ଏଥରର

- ସୁନା ଓ ହୀରା ମଧ୍ୟରୁ କାହାର ଓଜନ ଅଧିକ ?
- କମ୍ପ୍ୟୁଟରର ବ୍ରେନ୍ କାହାକୁ କହନ୍ତି ?
- ଗୁଜୁରାଟର ଗୀର୍ ଜାତୀୟ ପାର୍କ କାହିଁକି ପ୍ରସିଦ୍ଧ ?
- ଭାରତର ଉଚ୍ଚତମ ଡ୍ୟାମ୍‌ର ନାମ ?
- ଗେଟ୍‌ୱେ ଅଫ୍ ଇଣ୍ଡିଆ କେଉଁଠାରେ ଅବସ୍ଥିତ ?

## ଉ ତ୍ତ ର

## ଗତଥରର

- ଫାଲ୍‌ଗୁନ
- ହୋଲିକା
- କାମ ଦହନମ୍
- ହୋଲ ମୋହଲ୍ଲା
- ବିଷ୍ଣୁପୁରାଣ





# ଗଛ ଲଗେଇବା ଆସ

ନାଆଁକୁ ଖାଲି ଯା ବସନ୍ତ ଆସିଛି
ମଳୟ ବହୁନି ଆଉ
ସକାଳ ପହରୁ ମାଡ଼ିଆସେ ଖରା
ସହି ହୁଏନାହିଁ ତାଉ।
ହଳଦୀବସନ୍ତ ଡାକ ଶୁଭୁନାହିଁ
ଶୁଭୁନି କୋଇଲି ସ୍ୱର
ଋତୁରାଜଠାରୁ ଆମେମାନେ ସବୁ
ହେଲୁ କିଆଁ ଏତେ ଦୂର ?
ବାଘ,ଭାଲୁ,ହାତୀ,ମାଙ୍କଡ଼ ଆସନ୍ତି
ଗାଆଁକୁ ଆମର ମାଡ଼ି
ତାଙ୍କରି ଉତରେ କି ଚାଷ କରିବୁ
ଚାଷ ହିଁ ଦେଲୁଣି ଛାଡ଼ି।
ଜଙ୍ଗଲ କାଟୁଛୁ, ପାହାଡ଼ ତାଡୁଛୁ
ସବୁକୁ ଆବୋରି ଧରି
ଏମିତି ଚାଲିଲେ ସବୁକିଛି ଯିବ
ଅଳପ ଦିନରେ ସରି।
ଏବେ ବି ରହିଛି ହାତରେ ସମୟ
ଗଛ ଲଗେଇବା ଆସ
ଋତୁପରେ ଋତୁ ଅନୁଭବ ଆମେ
କରୁଥିବା ବାର ମାସ।

– ଶିଶିର କୁମାର ପଣ୍ଡା
କୁଆଁସ, ମେରଦା କାଟିଆ, ଯାଜପୁର
ମୋ: ୮୯୮୧୦୩୭୨୨୮

## କ ବି ତା

# କଣ୍ଢେଇରାଣୀ

କେଡ଼େ ସୁନ୍ଦର କଣ୍ଢେଇରାଣୀ
ମିଠା ତା ବୃନା ହସ
ମନ ହରଷେ ନାଚି ଗାଇ ସେ
ସଭିଙ୍କୁ କରେ ବଶ।
ତା' ଦେହେ ଟିକେ ଲାଗିଲେ ଧୂଳି
ପଣତେ ପୋଛେ ବୋଉ
ବୋଉଟି କହେ ନରମ ଶେଯେ
ମୋ ଧନ ସୁନା ଶୋଉ।
ଖେଳଣା ବହି ଦିଅନ୍ତି ବାପା
ବଜାରୁ କିଣି ଆଣି
ସକାଳେ ସଞ୍ଜେ ବୁଲାଇ ନିଏ
ଭାଇ ତା' ମନଜାଣି।
କେଡେ ସୁନ୍ଦର କଣ୍ଢେଇରାଣୀ
ତା'ଲାଗି ହସେ ଘର
କନିଆଁ ସାଜି ଦିନେ ସେ ଯିବ
ସଭିଙ୍କୁ କରି ପର।

– ପ୍ରଶାନ୍ତ କୁମାର ଦାଶ
କୁଞ୍ଜର ସଙ୍ଗଳାଇ, ପିପିଲି, ପୁରୀ
ମୋ: ୯୬୬୮୮୨୨୧୯୦

# ମୋ ଉତ୍କଳ ଭୂଇଁ

ଶସ୍ୟ ଶ୍ୟାମଳା କ୍ଷେତ ଯାର ଭରା
ଏହି ମୋ ଉତ୍କଳ ଭୂଇଁ,
ସମୀର କାନନ ଶୁଭ ତପୋବନ
ହସନ୍ତି ତା' କୋଳେ ରହି।
ଏ ମାଟିରେ ଫଳେ ସୁନାର ଫସଲ
ଫୁଲ ଫଳ ନାନା ଜାତି,
ଏବେ ବି ହୁଙ୍କାର ଶୁଭୁଛି ଦୂରରୁ
ବାଜିରାଉତର ତାତି।
ଉତ୍କଳ ଗୌରବ, ମାଆ ରମାଦେବୀ
କୃଷ୍ଣଚନ୍ଦ୍ର ଗଜପତି,
କବି ଗଙ୍ଗାଧର, ଫକୀର ମୋହନ
ରଖିଗଲେ କେତେ କୀର୍ତ୍ତୀ।
ଜାତି ଟେକ ପାଇଁ ସ୍ୱାର୍ଥ ଦିଅ ଛାଡି
ଧରମା ଶିଖାଇ ଗଲା,
ଉଣେଇଶ ଛତିଶ ଏପ୍ରିଲ ପହିଲା
ନୂଆ ଜୀବନଟେ ଦେଲା।
ସେହି ଶୁଭଦିନ ପାଳିବା ସଭିଏଁ
ହାତକୁ ହାତ ମିଳାଇ,
ଆସୁ ଯେତେ ବାଧା ଅବା ଅସୁବିଧା
ଅଳସ ରଖିବା ନାହିଁ।

–ଅନନ୍ତ କୁମାର ସେନାପତି
ବାଣ୍ଟୁପଡା, ରାଜଗାଙ୍ଗପୁର, ସୁନ୍ଦରଗଡ଼
ମୋ: ୭୦୦୮୩୦୪୨୨୫

# କହିଲ ଦେଖି

ତା' ପାଇଁ ହୁଅଇ ଦିନ ଓ ରାତି
ପାଖେଇ ଆସିଲେ ବଢ଼ଇ ତାତି
ସକଳ ଶକ୍ତିର ଆଧାର ସିଏ
ନାମଟି ତାହାର କହିବ କିଏ ?



ଉତ୍ତର – ସୂର୍ଯ୍ୟ

ବେଳ ବୁଡ଼ିଗଲେ ଆକାଶ ଦେଶେ,
ଉଇଁ ଆସେ ନବ ବଧୂଟି ବେଶେ,
ତାକୁ ଦେଖି କଇଁ ସରାଗେ ହସେ,
ପକ୍ଷେ ବଢ଼େ ଆଉ ପକ୍ଷେ ସେ ଖସେ,
ଅମାବାସ୍ୟା ହେଲେ ଲୁଚି ଯାଉଥାଏ,
ପୂର୍ଣ୍ଣିମା ହୋଇଲେ ଗୋଲ ହୁଏ
କୁହ ସେ କିଏ ?



ଉତ୍ତର – ଚନ୍ଦ୍ର

ଦୂର ଆକାଶରେ ତାହାର ଘର
ମିଞ୍ଜି ମିଞ୍ଜି ହୁଏ ଆଲୋକ ତା'ର
ଦିନରେ କୁଆଡେ ଲୁଚି ସେ ଯାଏ
କୁହ ପିଲେ କୁହ କୁହ ସେ କିଏ ?



ଉତ୍ତର – ତାରା

ସାତୋଟି ତାରା ସେ ମଣ୍ଡଳ ହୋଇ
ଆକାଶେ ଉତ୍ତର ଦିଗରେ ଥାଇ
ପ୍ରଶ୍ନ ଚିହ୍ନ ଭଳି ଥାଆନ୍ତି ରହି
ନାମଟି ତାହାର କେ ଦେବ କହି ?



ଉତ୍ତର – ସପ୍ତର୍ଷି ମଣ୍ଡଳ

– ଲୀଳାବତୀ ପରିଡ଼ା
କୁରୁଣ୍ଡିଆଁ, ହିନ୍ଦୋଳ, ଢେଙ୍କାନାଳ
ମୋ: ୯୮୬୧୯୪୫୬୨୬

# କ୍ଷତିକାରକ କ୍ଲୋରିନ୍





ଥରେ ମହେଶ୍ୱର ବାବୁ ବଜାରରୁ ବ୍ଲିଚିଂ ପାଉଡର ଡବାଟିଏ କିଣି ଘରକୁ ଆଣିଥାଆନ୍ତି। ସେଦିନ ରାତିରେ ସମସ୍ତେ ଖିଆପିଆ ଶେଷ କରି ଶୋଇବାକୁ ଯିବା ପୂର୍ବରୁ ଝିଅ ଲିଲିକୁ ଡାକି କହିଲେ, 'ଲିଲି, ମୁଁ କୂଅରୁ ବାଲ୍ଟିରେ ପାଣି ବାହାର କରୁଛି। ତୁମେ ବାଥରୁମ୍‌ରେ ଥିବା ସେହି ଡବାକୁ ନେଇଆସ।' ଲିଲି ଡବାକୁ ଆଣିବା ପରେ ମହେଶ୍ୱର ବାବୁ ଡବାରୁ ୩-୪ ଚାମଚ ବ୍ଲିଚିଂ ପାଉଡର ବାହାର କରି ବାଲ୍ଟି ପାଣିରେ ଗୋଳାଇ କୂଅ ଭିତରକୁ ଛାଡ଼ିଦେଲେ। ସେତିକିବେଳେ ଏକ ପ୍ରକାର ତୀବ୍ର ଗନ୍ଧ ନାକରେ ବାଜିଲା। ଲିଲି ପଚାରିଲେ,

> *"୧୭୭୪ରେ ସ୍ୱିଡେନର ବୈଜ୍ଞାନିକ କାର୍ଲ ଇଉଲହେଲ୍ମ ସିଲେ କ୍ଲୋରିନ୍ ଉଦ୍ଭାବନ କରିଥିଲେ। ଏହା ସବୁଜ ରଙ୍ଗର ଦୁର୍ଗନ୍ଧଯୁକ୍ତ ଗ୍ୟାସ୍। ସୋଡିୟମ୍ କ୍ଲୋରାଇଡ୍ (ଲୁଣ) ଦ୍ରବଣକୁ ବୈଦ୍ୟୁତିକ ପ୍ରଭାବ କଲେ ତାହା କ୍ଲୋରିନ୍, ଉଦ୍‌ଜାନ ଓ କଷ୍ଟିକ୍ ସୋଡ଼ା ଉତ୍ପନ୍ନ ହୁଏ। ଆମେ ପ୍ରତିଦିନ ଖାଦ୍ୟରେ ଯେଉଁ ଲୁଣ ଖାଉ ତାହା ମଧ୍ୟ କ୍ଲୋରିନ୍ ପଦାର୍ଥ, ଯାହାକୁ ସୋଡିୟମ୍ କ୍ଲୋରାଇଡ୍ କୁହାଯାଏ।"*

'ବାପା, ଏପରି ଗନ୍ଧ କାହିଁକି ହେଲା ?' ଏହି ଡବାରେ ଯେଉଁ ବ୍ଲିଚିଂ ପାଉଡର ଥିଲା, ତାହା କ୍ଲୋରିନ୍ ଗ୍ୟାସ୍ ମିଶିଥିବା ଏକ ଯୌଗିକ ପଦାର୍ଥ, କ୍ଲୋରିନ୍ ଗ୍ୟାସ୍ ଯୋଗୁ ସେଭଳି ଗନ୍ଧ ଜଣାପଡ଼ିଲା। ତୁମେ କ୍ଲୋରିନ୍ ବିଷୟରେ ଜାଣିବାକୁ ନିଶ୍ଚୟ ଚାହୁଁଥିବ। ତେବେ ଶୁଣ...। ୧୭୭୪ରେ ସ୍ୱିଡେନର ବୈଜ୍ଞାନିକ କାର୍ଲ ଇଉଲହେଲ୍ମ ସିଲେ କ୍ଲୋରିନ୍ ଉଦ୍ଭାବନ କରିଥିଲେ। ଏହା ସବୁଜ ରଙ୍ଗର ଦୁର୍ଗନ୍ଧଯୁକ୍ତ ଗ୍ୟାସ୍। ସୋଡିୟମ୍ କ୍ଲୋରାଇଡ୍ (ଲୁଣ) ଦ୍ରବଣକୁ ବୈଦ୍ୟୁତିକ ପ୍ରଭାବ କଲେ ତାହା କ୍ଲୋରିନ୍, ଉଦ୍‌ଜାନ ଓ କଷ୍ଟିକ୍ ସୋଡ଼ା ଉତ୍ପନ୍ନ ହୁଏ। ଆମେ ପ୍ରତିଦିନ ଖାଦ୍ୟରେ ଯେଉଁ ଲୁଣ ଖାଉ ତାହା ମଧ୍ୟ କ୍ଲୋରିନ୍ ପଦାର୍ଥ, ଯାହାକୁ ସୋଡିୟମ୍ କ୍ଲୋରାଇଡ୍ କୁହାଯାଏ। କାର୍ବନ ଭଳି କ୍ଲୋରିନ୍ ହଜାର ହଜାର ପଦାର୍ଥରେ ଅଛି। ତୁମର ହାତ ଭାଙ୍ଗିବା ସମୟରେ ଯେଉଁ ଏକ୍ସ-ରେ ବାହାର କରାଯାଇ ତା'ର ଫିଲ୍ମକୁ ଡାକ୍ତର ଦେଖିଥିଲେ,ସେହି ଫିଲ୍ମ, କମ୍ପ୍ୟୁଟର ଯନ୍ତ୍ରାଂଶ, ରକେଟ ଇନ୍ଧନ ଇତ୍ୟାଦି ପ୍ରାୟ ୨୪୦୦ ପଦାର୍ଥରେ ଏହା ଅଛି। ଲିଲି କହିଲା, 'ବାପା, ଆମ ସାର୍ କହୁଥିଲେ, ଫ୍ରିଜ୍ ଭିତରେ ବ୍ୟବହାର କରାଯାଉଥିବା ଏକ ପ୍ରକାର ରାସାୟନିକ ପଦାର୍ଥରେ କ୍ଲୋରିନ୍ ଥାଏ।' ବାପା କହିଲେ, ସତ କଥା। ଫ୍ରିଜରେ ସିଏଫ୍‌ସି(କ୍ଲୋରୋଫ୍ଲୋରୋ କାର୍ବନ) ବ୍ୟବହାର କରାଯାଉଥିଲା। ଏହାର ବ୍ୟବହାର ଏତେ ପରିମାଣରେ ବଢ଼ିଗଲା ଯେ, ଆମର ବାୟୁମଣ୍ଡଳର ରକ୍ଷାକାରୀ କବଚ ଓଜୋନସ୍ତର ନଷ୍ଟ ହୋଇଗଲା। ଫଳରେ ବାୟୁମଣ୍ଡଳର ତାପମାତ୍ରା ବଢ଼ିବାକୁ ଲାଗିଲା। ତେଣୁ ପରିବେଶବିତ୍‌ମାନେ ସିଏଫ୍‌ସି ଗ୍ୟାସ୍‌କୁ ନିଷେଧ କଲେ। ତା' ବଦଳରେ ଫ୍ରିଜ୍‌ରେ ହାଇଡ୍ରୋଫ୍ଲୋର କାର୍ବନ ବ୍ୟବହୃତ ହେଉଛି। ବାପା କହିଲେ, ଲିଲି! ତୁମେ ଡିଡିଟିର ନାମ ଶୁଣିଥିବ। ହଁ ବାପା, ତାହା ପୂର୍ବରୁ ମଶା ମାରିବା ପାଇଁ ବ୍ୟବହୃତ ହେଉଥିଲା। ସେହି ଡିଡିଟିର ନାମ ହେଲା-ଡାଇକ୍ଲୋରୋ ଡାଇ ଫିନାଇଲ୍ ଟ୍ରାଇକ୍ଲୋରୋ ଇଥେନ୍। ପୋକମରା ଔଷଧରେ କିଛି ମାତ୍ରାରେ ଡିଡିଟି ଥାଏ। ଏହାକୁ ଫସଲରେ ସ୍ପ୍ରେ କରିବା ଫଳରେ ଗଛର ପତ୍ର ଓ ଡାଳରେ ରହିଥାଏ। ସେହି ପତ୍ର ଡାଳକୁ ଗୋରୁ ଖାଇଲେ ତାଙ୍କ ଶରୀରରେ କିଛି ମାତ୍ରାରେ ଡିଡିଟି ରହିଯାଏ। ପରୀକ୍ଷା କରି ଦେଖାଯାଇଛି ଯେ, କେତେକ ଗାଈ କ୍ଷୀରରେ ଡିଡିଟି ମିଶିଥିବା ପ୍ରମାଣିତ ହୋଇଛି। ଏଭଳି ଅନେକ କୁପ୍ରଭାବ ଯୋଗୁ ଡିଡିଟିକୁ ନିଷେଧ କରାଗଲା। ବାପା କହିଲେ, ଲିଲି ତୁମକୁ କ୍ଲୋରିନ୍ ପ୍ରଭାବ ସମ୍ପର୍କରେ ଆଉ ଗୋଟିଏ ଗୁରୁତ୍ୱପୂର୍ଣ୍ଣ ବିଷୟ କହିବି, ତୁମେ ବିଶ୍ୱାସ କରିପାରିବ ନାହିଁ। ତାହା ହେଉଛି ଆମ ଘର। ଆମେ ଘର ତିଆରି ସମୟରେ ପାଣି ଯୋଗାଇବା ପାଇଁ ଯେଉଁ ପ୍ଲାଷ୍ଟିକ୍‌ର ପିଭିସି ପାଇପ୍ ବ୍ୟବହାର କରୁଛେ, ତାହାର ମଧ୍ୟ କୁପ୍ରଭାବ ରହିଛି। ପିଭିସିର ପୂରା ନାଁ ହେଲା 'ପଲି ଭିନାଇଲ୍ କ୍ଲୋରାଇଡ'। ଏହାକୁ ପଲିମର କୁହାଯାଏ। ଏଥିରୁ ପ୍ଲାଷ୍ଟିକ୍ ବୋତଲ, ଖାଇବା ବାସନକୁସନ, କାର୍ ଓ ମୋଟୋର ଯାନର ଉପକରଣ, ଖେଳନା ଇତ୍ୟାଦି ସବୁ ପଦାର୍ଥରେ କ୍ଲୋରିନ୍ ଉପାଦାନ ରହିଛି। ଏପରିକି ଇଞ୍ଜେକ୍ସନ୍ ସିରିଞ୍ଜ, ରକ୍ତ ରଖିବା ଥଳି, ବାଲ୍ଟି, ଚପଲ ଆଦି ମଧ୍ୟ ପିଭିସି ପଲିମରରେ ପ୍ରସ୍ତୁତ। ବର୍ତ୍ତମାନ ବୈଜ୍ଞାନିକମାନେ ପ୍ରମାଣ କଲେଣି ଯେ, ପିଭିସି ଏକ ବିଷାକ୍ତ ପଦାର୍ଥ। ତେଣୁ ଆମେରିକା ଭଳି ଦେଶରେ ଏହାକୁ ନିଷେଧ କରାଗଲାଣି।

କ୍ଲୋରିନ୍‌ର କେତେକ ଉପକାର ଗୁଣ ରହିଛି। ଔଷଧ ପ୍ରସ୍ତୁତ କରିବା ସମୟରେ କ୍ଲୋରିନ୍ ବ୍ୟବହୃତ ହୁଏ। ଶସ୍ୟଜାତୀୟ ଦ୍ରବ୍ୟର କୀଟନାଶକ ପାଇଁ କ୍ଲୋରିନ୍ ବ୍ୟବହୃତ ହୁଏ। ବିଶେଷଭାବରେ ପାନୀୟ ଜଳକୁ ବିଶୁଦ୍ଧ କରିବା ପାଇଁ ଏହାକୁ ମଧ୍ୟ ବ୍ୟବହାର କରାଯାଏ। ବର୍ତ୍ତମାନ ପୃଥିବୀର ବହୁ ଦେଶରେ କ୍ଲୋରିନ୍ ଓ କ୍ଲୋରିନ୍ ଜାତୀୟ ପଦାର୍ଥ ଉପରେ ବହୁ ନୂଆ ନୂଆ ଗବେଷଣା ଚାଲୁ ରହିଛି। ତେଣୁ ମୋଟାମୋଟି ଭାବରେ କ୍ଲୋରିନ୍ ଯୋଗୁ ଆମର ଉପକାର ବା ଅପକାର ଉଭୟ ହୋଇଥାଏ। ମହେଶବାବୁ ଘଣ୍ଟା ଦେଖି କହିଲେ ଲିଲି! ରାତ୍ର ବହୁତ ହେଲାଣି। ଚାଲ ଶୋଇବାକୁ ଯିବା।

**- ବିନୋଦ ଚନ୍ଦ୍ର ଜେନା, ଭିକ୍ଟୋରୀ କଲୋନୀ, ପାରଳାଖେମୁଣ୍ଡି, ଗଜପତି**


**ମୋ: ୭୭୩୫୨୨୨୭୧୩**

## ଜଣା ଅଜଣା

## କଦାପି ଉପରକୁ ଚାହିଁ ପାରୁ ନ ଥିବା ପ୍ରାଣୀ

ଏପରି ଅନେକ ପ୍ରାଣୀ ଅଛନ୍ତି ଯେଉଁମାନେ ସେମାନଙ୍କର ବୈଚିତ୍ର୍ୟତା ପାଇଁ ପରିଚିତ। ଏଭଳି ପ୍ରାଣୀଙ୍କ ବିଷୟରେ ଜାଣିବାକୁ ଅନେକ ଆଗ୍ରହ ପ୍ରକାଶ କରନ୍ତି। ସେମାନଙ୍କ ଭିନ୍ନତା ପର୍ଯ୍ୟଟକଙ୍କୁ ଆକର୍ଷଣ କରିଥାଏ। ପ୍ରାଣୀଜଗତରେ ଏଭଳି ଏକ ପ୍ରାଣୀ ରହିଛି, ଯିଏ କଦାପି ଉପରକୁ ଚାହିଁ ପାରେ ନାହିଁ। ତେବେ ଏଭଳି ପ୍ରାଣୀ ବିଷୟରେ ଜାଣିବାକୁ ତୁମ ମଧ୍ୟରେ ନିଶ୍ଚୟ ଉତ୍ସୁକତା ବଢ଼ିପିବଣି। ହଁ, ସେହି ଜୀବଟି ହେଲା ଘୁଷୁରି। ସାଧାରଣତଃ ପଙ୍କ ତଥା ଅପରିଷ୍କାର ଜାଗା ହେଉଛି ଏମାନଙ୍କର ବାସସ୍ଥାନ। ଅନ୍ୟପକ୍ଷରେ ଏବେ ଘୁଷୁରି ପାଳନ ଏକ ଲାଭଜନକ ବ୍ୟବସାୟରେ ପରିଣତ ହୋଇଛି। ଉଚ୍ଚତା ଦୃଷ୍ଟିରୁ ଦେଖିଲେ ଘୁଷୁରିର ଉଚ୍ଚତା ମଧ୍ୟ ଅଧିକ ନୁହେଁ। ଏହାର ମୁଣ୍ଡ ଏପରି ଗଠିତ ହୋଇଛି ଯାହାକୁ ଘୁଷୁରି ଚାହିଁଲେ ସେ ତା ମୁଣ୍ଡକୁ ଉପରକୁ ଟେକି ପାରେ ନାହିଁ। ଅତିବେଶିରେ ଏହି ପ୍ରାଣୀ ନିଜ ମୁଣ୍ଡକୁ ମାତ୍ର ୪୫ ଡିଗ୍ରୀ ପର୍ଯ୍ୟନ୍ତ ଟେକିପାରେ। ତେଣୁ ସେ କଦାପି ମୁଣ୍ଡକୁ ୯୦ ଡିଗ୍ରୀରେ ରଖି ଉପରକୁ ଚାହିଁ ପାରେନା। ଘୁଷୁରି ଶରୀରରୁ କଦାପି ଝାଳ ବାହାରେ ନାହିଁ। କୁକୁରଠାରୁ ଏହି ପ୍ରାଣୀ ଭାରି ଚାଲାକ। ଘୁଷୁରି କେବେ ଏକୁଟିଆ ରହେ ନାହିଁ। ସବୁବେଳେ ସେମାନେ ଏକାଠି ହୋଇ ରହିଥାଆନ୍ତି। ଏହାର ଘ୍ରାଣ ଶକ୍ତି ଭାରି ପ୍ରଖର। ତେଣୁ ସେ ସହଜରେ ଭଲ ମନ୍ଦ ବାରି ପାରିଥାନ୍ତି।





## ସର୍ବାଧିକ ବୃକ୍ଷ ଥିବା ଦେଶ

ବୃକ୍ଷ ବା ଗଛ ମଣିଷ ପାଇଁ କେତେ ଉପକାରୀ ତାହା କହିବା ଅନାବଶ୍ୟକ। କାରଣ ବାୟୁମଣ୍ଡଳରେ ଅମ୍ଳଜାନ ସ୍ତରକୁ ଏହା ନିୟନ୍ତ୍ରିତ କରି ରଖିଥାଏ। ପରିବେଶକୁ ପ୍ରଦୂଷଣମୁକ୍ତ ରଖିବାରେ ଏମାନଙ୍କର ଭୂମିକା ଗୁରୁତ୍ୱପୂର୍ଣ୍ଣ। ତେଣୁ ଏବେ ଜଙ୍ଗଲ ସୁରକ୍ଷା ଉପରେ ଗୁରୁତ୍ୱ ଦିଆଯାଉଛି। କିନ୍ତୁ ଦିନକୁ ଦିନ ଗଛସବୁ କାଟି ସେଠାରେ ଜନବସତି, କଳକାରଖାନା ଆଦି ଗଢ଼ିଉଠିବା ଚିନ୍ତାର କାରଣ ସାଜିଛି। ହେଲେ ବିଶ୍ୱରେ ଏଭଳି ଏକ ଦେଶ ଅଛି ଯେଉଁଠି ଗଛଗୁଡ଼ିକର ସୁରକ୍ଷାକୁ ପ୍ରାଥମିକତା ଦିଆଯାଇଥାଏ। ଫଳରେ ସେହି ଦେଶକୁ ବିଶ୍ୱର 'ସର୍ବାଧିକ ବୃକ୍ଷ ଥିବା ଦେଶ' ଭାବରେ ଗଣନା କରାଯାଇଥାଏ। ଏହି ଦେଶଟି ହେଲା ରୁଷିଆ। ଏକ ସଦ୍ୟତମ ଗଣନାରୁ ଜଣାପଡ଼ିଛି ଯେ, ଏହି ଦେଶରେ ବୃକ୍ଷ ସଂଖ୍ୟା ହେଉଛି ପାଖାପାଖି ୬୪୧ଅରବ ହେବ। ରୁଷିଆର କ୍ଷେତ୍ରଫଳ ୧୭,୧୨୫,୧୯୧ ବର୍ଗ କିମି ହୋଇଥିବା ବେଳେ ବୃକ୍ଷଗୁଡ଼ିକ ୮,୨୪୯,୩୦୦ବର୍ଗ କିମିରେ ବ୍ୟାପିରହିଛି। ଏହି ଦେଶର ୧୦୦ଭାଗରୁ ୪୫ପ୍ରତିଶତ ହେଉଛି କେବଳ ଜଙ୍ଗଲ।

# ଆ ଇ ନା



ସମ୍ଭବ ପତି
୭ ବର୍ଷ/ବାଲେଶ୍ୱର

ଗରିମା ଗୁଦୁଲି
୧୧ ବର୍ଷ/ରାଉରକେଲା

